# ଜିନ୍ ପରିବର୍ତ୍ତିତ  ସୋରିଷ !

ସୋରିଷ ଆମର ଅତି ପରିଚିତ । ଓଡିଆ ଘରେ ଅବଘରା ଡାଲି, ତରକାରି ଖିଆଯାଏନି। ଆଉ ବଘାରିବାକୁ  ହେଲେ ସୋରିଷ ନିହାତି ଦରକାର । ଆମ ରାଜ୍ୟରେ ସୋରିଷ ତେଲ ପ୍ରତିଦିନ ଖାଦ୍ୟରେ ବ୍ୟବହାର କରାଯାଏ । ସୋରିଷ ଶାଗ ଖାଇବାକୁ ଲାଳାୟିତ ହୋଇ ସମସ୍ତେ ଶୀତକୁ ଅପେକ୍ଷା କରିଥାଆନ୍ତି । ଶୀତଦିନ ଦେହରେ ଲଗେଇବାକୁ ସୋରିଷ ତେଲ ଖୋଜନ୍ତି । କଅଁଳା ଶିଶୁକୁ ମାଲିସ କରିବାକୁ ବି ଜେଜେମା ସୋରିଷ ତେଲ ଖୋଜନ୍ତି ।

ଆଜି ଆମର ଏଇ ପ୍ରିୟ ସୋରିଷ ପ୍ରତି ଆସିଛି ଏକ ବିପତ୍ତି ।   ଜିନ୍ ପରିବର୍ତ୍ତିତ ବାଇଗଣ ବା ବିଟି ବାଇଗଣ ପରେ ଜିନ୍ ପରିବର୍ତ୍ତିତ ସୋରିଷ ( ଜି.ଏମ୍ ସୋରିଷ )  ଏବେ ବ୍ୟବସାୟିକ ଭିତ୍ତିରେ ଚାଷ କରିବାକୁ ସରକାର ଅନୁକୂଳ ପଦକ୍ଷେପ ନେବାକୁ ଆରମ୍ଭ କରିଛନ୍ତି । ସରକାରଙ୍କ ଚିନ୍ତା- "ଏବେ ବିଦେଶରୁ ଖାଇବା ତେଲ ଆମଦାନୀ ହେଉଛି । ସେଥିପାଇଁ ଆମ ଦେଶର ବ୍ୟୟ ଅଧିକ ହେଉଛି । ଅଧିକ ସୋରିଷ ଉତ୍ପାଦନ କରି ଦେଶର ଚାହିଦା ପୂରଣ କରିବାକୁ ହେବ" । ଏହା ଏକ ସ୍ୱାଗତ ଯୋଗ୍ୟ ଚିନ୍ତାଧାରା  ।  ତା'ହେଲେ ଅସୁବିଧା ହେଲା କେଉଁଠି ?

ଅସୁବିଧା ଏଇଟା ଯେ, ଏଥିପାଇଁ  ଜି.ଏମ୍ ସୋରିଷ ପ୍ରଚଳନ କରିବାକୁ ସରକାର ଆଗେଇ ଆସୁଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏହି ଜି.ଏମ୍ ସୋରିଷ ପ୍ରସ୍ତୁତ କରିଛନ୍ତି । ନାମ ରଖିଛନ୍ତି DMH 11। ସୋରିଷରେ ଏକ ବୀଜାଣୁର ଜିନ୍ ପୁରାଇ ମୂଳ ସୋରିଷ ଜିନରେ ପରିବର୍ତ୍ତନ ଅଣାଯାଇଛି । ଏହା ଫଳରେ ସୋରିଷର ପୁରୁଷ ଅଂଶ ବନ୍ଧ୍ୟା ହୋଇଯିବ। ଏଥିରେ ଆଉ ଏକ ଜିନ୍ ମଧ୍ୟ ସଙ୍ଗମ କରାଯାଇଛି । ଯାହା ଫଳରେ କି ଗଛ କୃତ୍ରିମ ରାସାୟନିକ ତୃଣନାଶକ (ଘାସ ମରା ବିଷ)ସହ୍ୟ କରିପାରିବ । ଏ ବିହନ ବ୍ୟବହାର କଲେ ୨୫% - ୩୦% ଅଧିକ ଉତ୍ପାଦନ ହୋଇପାରିବ ବୋଲି ପ୍ରସ୍ତୁତକାରୀମାନେ ଦାବି କରିଛନ୍ତି ।

ଏହି ଜି .ଏମ୍ ସୋରିଷ କ୍ଷେତ୍ର ପରୀକ୍ଷା ମଧ୍ୟ ସରିଗଲାଣି । କେବଳ ବ୍ୟବସାୟ ଭିତ୍ତିକ ଚାଷ ପାଇଁ ଅନୁମୋଦନ ପାଇବା ଅପେକ୍ଷାରେ ରହିଛି । ନିୟମ ଅନୁସାରେ ଏସବୁ ପରୀକ୍ଷା – ନିରୀକ୍ଷାର

ଟିକିନିଖି ବିବରଣୀ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ସରକାର ପ୍ରକାଶ କରିବା କଥା । ଆମ ଦେଶର ମାନ୍ୟବର ସୁପ୍ରିମ କୋର୍ଟ ମଧ୍ୟ ଏ ସଂକ୍ରାନ୍ତରେ ୨୦୦୫ ମସିହାରେ ନିର୍ଦ୍ଦେଶନାମା ଦେଇଛନ୍ତି। ମାତ୍ର କ୍ଷେତ୍ର ପରୀକ୍ଷା ସଂପୂର୍ଣ୍ଣ ହୋଇଥିବାର ରିପୋର୍ଟ ଥିଲେ ସୁଦ୍ଧା ପରୀକ୍ଷାର ଫଳାଫଳ ସର୍ବସାଧାରଣଙ୍କ ଗୋଚରାର୍ଥେ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ ।

ବାସ୍ତବ କ୍ଷେତ୍ରରେ ପରିସ୍ଥିତି ଅନ୍ୟ ପ୍ରକାର । ଖାଦ୍ୟ ସୁରକ୍ଷା ବିଶ୍ଳେଷକ ଶ୍ରୀ ଦେବେନ୍ଦ୍ର ଶର୍ମା ଙ୍କ ଭାଷାରେ "ଜିନ୍ ପରିବର୍ତ୍ତିତ ବିହନ ପ୍ରସ୍ତୁତିକାରୀଙ୍କ ଦାବିର ବଶବର୍ତ୍ତୀ ନ ହୋଇ ବରଂ ଅଧିକ ଉତ୍ପାଦନ ନାମରେ ଆମର ଖାଦ୍ୟ ପଦାର୍ଥ ଓ ଖାଦ୍ୟ ବ୍ୟବସ୍ଥାକୁ କେମିତି ଅତି ସହଜରେ ନଷ୍ଟ କରାଯାଇଛି ତାହା ବୁଝିବା ଆବଶ୍ୟକ । ପ୍ରଥମତଃ ସାରା ପୃଥିବୀରେ ଏ ପର୍ଯ୍ୟନ୍ତ କୌଣସି ଜି.ଏମ୍ ଫସଲ ପ୍ରସ୍ତୁତ ହୋଇନାହିଁ, ଯାହା ଦ୍ୱାରା ଫସଲ ଉତ୍ପାଦନ ପରିମାଣ ବଢିପାରିଛି । ଦ୍ୱିତୀୟରେ, ଫସଲ ଅମଳ ହାର ବଢାଇବାକୁ ହେଲେ ବର୍ତ୍ତମାନ ବଜାରରେ ମିଳୁଥିବା ହାଇବ୍ରିଡ ବିହନ ବ୍ୟବହାର କଲେ ବି ହେଉଛି । ଜାଣିବା ଯୋଗ୍ୟ ଯେ ଦାବୀ ଅନୁସାରେ ଜିନ୍ ସୋରିଷ ଅମଳ ହାର ଯେତିକି ହେବ ବୋଲି କୁହାଯାଇଛି ସେତିକି ଅମଳ ହାର ଏବେ ହାଇବ୍ରିଡ ବିହନରୁ ବି ମିଳୁଛି । ତା'ହେଲେ ଜି.ଏମ୍ ସୋରିଷ ପ୍ରଚଳନ କରିବାର ଆବଶ୍ୟକତା କଣ? ତୃତୀୟତଃ, ଖାଇବା ତେଲ ଆମଦାନୀ ବଢିଛି, କାରଣ ସରକାରଙ୍କ ତରଫରୁ ଆମଦାନୀ କରିବାର କଟକଣା କୋହଳ କରାଯାଇଅଛି , ଆମଦାନୀ ଟିକସ ୩୦୦% ରୁ ଖସି ବର୍ତ୍ତମାନ ଶୁନ (୦) ହୋଇଛି । ତେଣୁ ଆମଦାନୀ କରାଯାଇଥିବା ଖାଇବା ତେଲ ଆମ ବଜାରରେ ସହଜରେ ଓ କମ୍ ଦାମ୍ ରେ ମିଳୁଛି । ଆମ ଚାଷୀମାନେ ଉତ୍ପାଦନ କରିପାରୁନାହାନ୍ତି ବା ଆମ ଦେଶରେ ଜ୍ଞାନ – କୌଶଳ ଅଭାବ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇନାହିଁ"। ବିଶ୍ୱ ସ୍ତରରେ ସୋରିଷ ଉତ୍ପାଦନ କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ (ଚୀନ ପ୍ରଥମ ଓ କାନାଡା ଦ୍ୱିତୀୟ )।

ଆମ ଦେଶକୁ "ସୋରିଷ ବିବିଧତା"ର ଦେଶ ବୋଲି କୁହାଯାଏ । କେହି କେହି ଭାରତକୁ "ସୋରିଷର ଜନ୍ମଭୂମି" ରୂପେ ବି ବିହିତ କରନ୍ତି । ଚାଷ କରାଯାଉଥିବା ବିଭିନ୍ନ କିସମର ସୋରିଷ ମଧ୍ୟରୁ କେତୋଟି ପାରମ୍ପରିକ ଓ ଆଉ କେତୋଟି ଉନ୍ନତ କିସମର । ତୈଳ ବୀଜ, ଶାଗ–ପତ୍ର ଓ ଗୋଖାଦ୍ୟ ଭାବରେ ଏହା ଚାଷ କରାଯାଇଥାଏ । ରାଜସ୍ଥାନ, ମଧ୍ୟପ୍ରଦେଶ, ହରିଆନାରେ ଏହା ବହୁଳ

ଚାଷ କରାଯିବା ବେଳେ ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ଓଡିଶା, ଗୁଜରାଟ, ଆସାମ, ବିହାର, ପଞ୍ଜାବ ଆଦି ରାଜ୍ୟମାନଙ୍କରେ ମଧ୍ୟ ହୋଇଥାଏ । ଜୁନ ୩, ୨୦୧୫ ସୁଧା ୫୪ଟି ପାରମ୍ପରିକ ସୋରିଷ ପ୍ରଜାତି ରେଜେଷ୍ଟ୍ରିକରଣ ପାଇଁ ବିଭାଗୀୟ  କାର୍ଯ୍ୟାଳୟରେ ଦରଖାସ୍ତ ପହଞ୍ଚିଛି । ଏଥିରୁ ଆମ ଦେଶର ସୋରିଷର ବିବିଧତା ସହଜରେ ଅନୁମେୟ ।

ରିପୋର୍ଟ ଅନୁଯାୟୀ ସୋରିଷ ତେଲରେ ସବୁଠୁ କମ୍ ପରିମାଣରେ Saturated fatty acids ଥାଏ ଓ ଯଥେଷ୍ଟ ପରିମାଣରେ linoleic ଓ linoleic fatty acids ( Source of Omega 3 & 6 fatty acids ) ଥାଏ ।  ତେଣୁ ଶରୀର ପକ୍ଷରେ ସୋରିଷ ହିତ କାରକ ଅଟେ। ସୋରିଷ ଶାଗ ଓ ଫୁଲର ସ୍ୱାଦ ରୁଚିକର ।  ଶାଗରେ ପ୍ରଚୁର ପରିମାଣ ର ଭିଟାମିନ– A ,C ଓ K ରହିଛି । ଏହା ବ୍ୟତୀତ Calcium, Magnesium, Potassium, Zinc, Manganese ଆଦି ଖଣିଜ ଲବଣର ଏହା ଏକ ମୁଖ୍ୟ ଉତ୍ସ । ଏହା ବ୍ୟତୀତ ଏଥିରେ ଭିଟାମିନ – B Complex ମଧ୍ୟ ଉପଲବ୍ଧ । ସୋରିଷ ପିଡିଆକୁ ପଶୁ ଖାଦ୍ୟ ରୂପେ ଓ ମାଟିର ଉର୍ବରତା ବୃଦ୍ଧିପାଇଁ ବି ବ୍ୟବହାର କରାଯାଏ ।

ଏ ସବୁ ଉପକରୀତା ଯୋଗୁଁ ଘରବାଡିରେ  ମା' ମାନେ କମ୍ ଜାଗାରେ ବି ଅଳ୍ପ କେତୋଟି ସୋରିଷ ଗଛ ଲଗାଇବାକୁ ପସନ୍ଦ କରନ୍ତି ।

ଓଡିଶା ସମେତ କେତେକ ରାଜ୍ୟରେ ସୋରିଷ ବଟା ଦେଇ କେତେକ ତରକାରୀ ରନ୍ଧାଯାଏ । ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର ପରି ଅନେକ ମନ୍ଦିରରେ  ଅନ୍ନଭୋଗ ମଧ୍ୟରେ ବେସର ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଓଡିଆ ଘରେ ଶୀତଦିନେ ମାଣବସା ଗୁରୁବାରରେ ସୋରିଷ ଗଛ ପୂଜା ହୁଏ । ବିଭିନ୍ନ ହୋମ– ଯଜ୍ଞ ରେ ଆବଶ୍ୟକ ହେଉଥିବା ପଞ୍ଚଶସ୍ୟ ମଧ୍ୟରେ ସୋରିଷ ଅନ୍ୟତମ । ଏସବୁ ସାଂସ୍କୃତିକ ଦୃଷ୍ଟିକୋଣରୁ ଓଡିଶାରେ ସୋରିଷ ବିଶେଷ ଭୂମିକା ଗ୍ରହଣ କରେ ।

ଚିକିତ୍ସା  ବିଜ୍ଞାନ ଦୃଷ୍ଟିରୁ ସୋରିଷର ସ୍ଥାନ ବି ମହତ୍ୱପୂର୍ଣ୍ଣ । ଅଥର୍ବ ବେଦ, ଚରକ ସଂହିତା, ଶୁଶ୍ରୁତ ସଂହିତା  ଆଦିରେ ସୋରିଷର ଔଷଧୀୟ ପ୍ରୟୋଗ ବର୍ଣ୍ଣନା କରାଯାଇଛି । ଏହାକୁ ଆଧାର କରି ଅନେକ

ଆୟୁର୍ବେଦିକ  ଔଷଧ ପ୍ରସ୍ତୁତ  କରାଯାଇଥାଏ । ଥଣ୍ଡା, ସର୍ଦ୍ଦି, କଫ ଆଦି ହେଲେ ଘରେ ଘରେ ସୋରିଷ ତେଲରେ ରସୁଣ ଫୁଟାଇ ଦେହରେ ମାଲିସ କରିବା ଏକ ସାଧାରଣ କଥା । ସୋରିଷ ଓ ସୋରିଷ ତେଲ କଫ ଓ ବାତ ଜନିତ ରୋଗ ଗୁଡିକର ଚିକିତ୍ସା ପାଇଁ ଔଷଧର ମୁଖ୍ୟ ଉପାଦାନ।

ତେଣୁ ଏବେ ପ୍ରଶ୍ନ ଉଠୁଛି, ଜି.ଏମ୍ ସୋରିଷ ବ୍ୟବହାର କଲେ ଫଳାଫଳ କଣ ହେବ? ପ୍ରଥମତଃ, ଜି.ଏମ୍ ଫସଲରୁ ଜାତ ଖାଦ୍ୟ ପଦାର୍ଥ ଖାଇଲେ ମଣିଷର ସ୍ୱାସ୍ଥ୍ୟ ଉପରେ ଭବିଷ୍ୟତରେ କି କି କୁପ୍ରଭାବ ପଡିବ  ତାହା ନିର୍ଦ୍ଦିଷ୍ଟ ଜଣା ନ ପଡିଲେ ବି କେତେକ ସମ୍ଭାବ୍ୟ କୁପ୍ରଭାବ  ବୈଜ୍ଞାନିକମାନେ ଦେଇଛନ୍ତି । କାରଣ ପ୍ରକୃତିରେ ଏପରି ଦୁଇଟି ଭିନ୍ନ ଭିନ୍ନ ଜାତି ମଧ୍ୟରେ ସଙ୍ଗମ ହୁଏ ନାହିଁ ଓ ପ୍ରାକୃତିକ ପରିବର୍ତ୍ତନଗୁଡିକ ଧୀରେ ଧୀରେ ପ୍ରକୃତିର ବିବର୍ତ୍ତନ ଅନୁଯାୟୀହୋଇଥାଏ । ଜି.ଏମ୍ ଖାଦ୍ୟ ପରୀକ୍ଷାଗାରରେ ମୂଷାଙ୍କୁ ଖୁଆଇବାପରେ ତାଙ୍କ ଠାରେ ଅନେକ ଶାରୀରିକ ଅସ୍ୱାଭାବିକତା ଦେଖା ହେବା ସହ ଦୁଇ–ତିନି ପିଢି ପରେ ସେମାନଙ୍କର ପ୍ରଜନନ କ୍ଷମତା କମିଯାଇଥିବାର ମଧ୍ୟ ଦେଖାଯାଇଛି। ଏହାକୁ ଆଧାର କରି ମଣିଷ ଓ ଅନ୍ୟାନ୍ୟ ଜୀବ ଓ ଉଦ୍ଭିଦ ଜଗତ ଉପରେ ଏହାର କିପରିକା କୁପ୍ରଭାବ ପଡିବ ସେଥି ନେଇ ବୈଜ୍ଞାନିକମାନେ  କୌଣସି ସ୍ପଷ୍ଟ   ଧାରଣାରେ  ଏପର୍ଯ୍ୟନ୍ତ ଉପନୀତ ହୋଇପାରି ନାହାନ୍ତି।

ଏଥି ସହିତ, ତୃଣନାଶକ (ଘାସମରା ବିଷ) ସହ୍ୟ କରିପାରୁଥିବା ବିହନ ବ୍ୟବହାର କରିବାର ପରିଣାମ ଅନ୍ୟ କ୍ଷେତ୍ରମାନଙ୍କରୁ ଜଣାପଡିଲାଣି । ଏହା ଦ୍ୱାରା ତୃଣନାଶକ ପ୍ରୟୋଗ ମାତ୍ରା ବଢିଯାଇଛି ଓ ସମୟ କ୍ରମେ ତୃଣମାନଙ୍କର ପ୍ରତିରୋଧକ ଶକ୍ତି ବି ବଢିଯାଇଛି । ଫସଲ କିଆରୀରେ ଏଇ ଅନାବଶ୍ୟକୀୟ ଅନାବନା ଗଛ/ଘାସ ସବୁ ଚାଷୀଙ୍କୁ ମୁଣ୍ଡବ୍ୟଥାର କାରଣ ହେଉଛି । ସ୍ୱାସ୍ଥ୍ୟ, ପରିବେଶ ଓ ଜୈବ  ବିବିଧତା ଉପରେ ଜି.ଏମ୍ ଫସଲର ଅନେକ କୁପ୍ରଭାବର ରିପୋର୍ଟ ପ୍ରକାଶ ପାଇଲାଣି ।

ଜି.ଏମ୍ ଫସଲ ଓ ଫସଲରେ  ବିଭିନ୍ନ ପ୍ରକାରର କୀଟନାଶକ ପ୍ରୟୋଗ ଯୋଗୁ ମହୁମାଛିର ଜୀବନ ଉପରେ ଅଧିକ ପ୍ରଭାବ ପଡୁଛି । ମହୁମାଛିମାନେ ଫସଲରୁ ଫୁଲକୁ ଉଡି ମହୁ ସଂଗ୍ରହ କରନ୍ତି ଓ ସେହି ପ୍ରକ୍ରିୟାରେ ପରାଗସଙ୍ଗମରେ ସହାୟତା କରିଥାନ୍ତି । ମାତ୍ର କୀଟନାଶକ ପ୍ରୟୋଗ ଯୋଗୁ ଆଜି ଅନେକ ସ୍ଥାନରେ ମହୁମାଛିଙ୍କର ସଂଖ୍ୟା ବହୁ ପରିମାଣରେ କମିଯାଇଛି । ଫଳତଃ ଫସଲ ଉତ୍ପାଦନ

ପରିମାଣ ମଧ୍ୟ କମିଯାଉଥିବାର ରିପୋର୍ଟ ପ୍ରକାଶ ପାଇଛି । ପୁଣି ଜି.ଏମ୍ ଫସଲରୁ ଫୁଲର ରେଣୁ ଓ ଫୁଲ ରସରେ ବର୍ତ୍ତମାନ ସୁଦ୍ଧା ଅଜଣା ପରିବର୍ତ୍ତନ ଯୋଗୁ ସଂଗୃହୀତ ମହୁରେ କି ପରିବର୍ତ୍ତନ ଆସିବ ଓ ସ୍ୱାସ୍ଥ୍ୟ ଉପରେ ତାହାର କି ପ୍ରଭାବ ପଡିବ ତାହା କାହାରିକୁ ବର୍ତ୍ତମାନ ଜଣାନାହିଁ ।

ଜି.ଏମ୍ ସୋରିଷ ପ୍ରଚଳନ ହେଲେ ବର୍ତ୍ତମାନର ପାରମ୍ପରିକ ଓ ଉନ୍ନତ କିସମର ସୋରିଷ ଫସଲ ସହିତ ଏହାର ପରାଗ ସଙ୍ଗମ ହେବ ନିଶ୍ଚୟ । ଫଳରେ ସମସ୍ତ କିସମର ପାରମ୍ପରିକ ଓ ଉନ୍ନତ ସୋରିଷ ପ୍ରଜାତିଗୁଡିକ ଆପେ ଆପେ ପ୍ରଦୂଷିତ ହେବ ।

ଜାଣିବା କଥା ଯେ, ଠିକ୍ ଏହି ସବୁ ଦୃଷ୍ଟିକୋଣକୁ ଆଧାର କରି ବିଟି ବାଇଗଣ ପ୍ରଚଳନକୁ ଭାରତର ପୁର-ପଲ୍ଲୀ, ନଗର, ସହର, ସବୁଠାରେ ଜନସାଧାରଣଙ୍କ ତରଫରୁ ଦୃଢ ପ୍ରତିବାଦ କରଯାଇଥିଲା । ଫଳସ୍ୱରୂପ, ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ ପରୀକ୍ଷା – ନିରୀକ୍ଷା କରିବା ଓ ନିଶ୍ଚିତ ପରିଣାମ ଜଣା ନ ପଡିବା ପର୍ଯ୍ୟନ୍ତ ବିଟି ବାଇଗଣ ପ୍ରଚଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭାରତ ସରକାରଙ୍କ ଦ୍ୱାରା ସ୍ଥଗିତ ରଖାଯାଇଛି ।

୨୦୦୨ ମସିହାରେ ପ୍ରୋ–ଆଗ୍ରୋ ନାମକ ଏକ କମ୍ପାନୀ ଜି.ଏମ୍ ସୋରିଷ ପ୍ରସ୍ତୁତି କରି ପ୍ରଚଳନ କରିବାକୁ ଅନୁମୋଦନ ଲୋଡିଥିଲେ । ମାତ୍ର ଅନୁମୋଦନ କମିଟିର ସଦସ୍ୟ ମାନେ ଏହାର ଜୈବସୁରକ୍ଷା ଓ ଫସଲ ମୃତ୍ତିକା ଉପରେ ପ୍ରଭାବ (Biosafety & Agronomic issues) ସଂକ୍ରାନ୍ତୀୟ ଅଧିକ ଗବେଷଣାର ଆବଶ୍ୟକତା ଦର୍ଶାଇ ଅନୁମୋଦନ କରି ନଥିଲେ । ଏବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ କରିଥିବା ଜି.ଏମ୍ ସୋରିଷ କ୍ଷେତ୍ରରେ ଏକା ପାର୍ଥକ୍ୟ, କୌଶଳ, ପରୀକ୍ଷା ପଦ୍ଧତି ଆଦି ଅବଲମ୍ବନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ଏହାକୁ ଅନୁମୋଦନ କରିବାକୁ ସରକାର ଆଗେଇ ଆସିଛନ୍ତି । ପାର୍ଥକ୍ୟ ଏତିକି ଯେ ୨୦୦୨ରେ ଏହା ଏକ ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା, ୨୦୧୫ ରେ ଏକ ବିଶ୍ୱବିଦ୍ୟାଳୟ ଏହାକୁ ପ୍ରସ୍ତୁତ କରିଛି ।

ବିଟି ବାଇଗଣ ବ୍ୟବସାୟୀକରଣ ବିଫଳ ହେବା ପରେ ଜି.ଏମ୍ ସୋରିଷ ବ୍ୟବସାୟୀକରଣ କରିବା ଆଗେଇ ଆସିବାର ଅନ୍ତରାଳରେ ଆଉ ଏକ ଅଭିସନ୍ଧି ଥାଇପାରେ । ଥରେ ଗୋଟିଏ ଜି.ଏମ୍ ଖାଦ୍ୟ ଫସଲ ପ୍ରଚଳନ ହୋଇଗଲେ ଅପେକ୍ଷାରେ ଥିବା ଅନ୍ୟାନ୍ୟ ଜି.ଏମ୍ ଖାଦ୍ୟ ଫସଲ ପ୍ରଚଳନ

ସହଜ ହୋଇଯିବ । କାରଣ ଏଯାବତ୍ ଆମ ଦେଶରେ ଗୋଟିଏ ମାତ୍ର ଜି.ଏମ୍ ଫସଲ ବ୍ୟବସାୟୀକ ଭିତ୍ତିରେ ଚାଷ କରିବାର ଅନୁମତି ମିଳିଛି । ସର୍ବସାଧାରଣରେ ଏହାକୁ ବିଟି କଟନ୍ ବ ବିଟି କପା ବୋଲି ଜାଣନ୍ତି । ଜାଣିବା ଯୋଗ୍ୟ ଯେ ଗତ ୧୩ବର୍ଷ ଧରି ଭାରତରେ ବିଟି କପା ଚାଷ ହେଉଛି । କିନ୍ତୁ ବିଟି କପାର ଉପାଦେୟତା ନେଇ ଯାହା ଦାବି କରାଯାଇଥିଲା , ସେସବୁ ମିଥ୍ୟା ପ୍ରମାଣିତ ହୋଇଛି । ବିଟି କପା ଚାଷ ପର ଠାରୁ କପା ଜମିରେ କୃତ୍ରିମ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ  ମାତ୍ରା ଖୁବ୍ ବୃଦ୍ଧି ପାଇଛି । କୃଷକମାନେ କ୍ଷତିଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି । ଗୁରୁତ୍ୱପୂର୍ଣ୍ଣ ଏହି ଯେ ବର୍ତ୍ତମାନ ବରିଷ୍ଠ ବୈଜ୍ଞାନିକମାନେ ବିଟି କପା ବଦଳରେ ଜିନ୍ ପରିବର୍ତ୍ତିନ ହୋଇ ନ ଥିବା ହାଇବ୍ରିଡ କପା ଚାଷ ସପକ୍ଷରେ ଅଛନ୍ତି। ବିଟି କପା ସଂସ୍ପର୍ଶରେ ଆସୁଥିବା ଚାଷୀ, ମୁଲିଆ, ତନ୍ତି ଆଦିଙ୍କ ଠାରେ ବିଭିନ୍ନ ପ୍ରକାର ଆଲର୍ଜି ଦେଖାଯାଇଛି। ଗାଈ, ଗୋରୁ, ଛେଳି, ମଇଁଷି ଏହାକୁ ଖାଇବା ପରେ ଆକ୍ରାନ୍ତ ହେଉଥିବା ଓ କେତେକ ସ୍ଥଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଅଛି ।

ହଁ, ଥରେ ଦୂଷିତ ତେଲ ବଜାରରେ ବିକ୍ରି ହେବା ଘଟଣା ଘଟିଥିଲା ଓ ସାଧାରଣ ଲୋକଙ୍କ ମନରେ ଛନକା ପଶିଥିଲା କିଛି ଦିନ ପାଇଁ ସୋରିଷ ତେଲ ବିକ୍ରି ବନ୍ଦ କରିଦିଆଯାଇଥିଲା । ମାତ୍ର ଏହା ଆମ ଖାଦ୍ୟ ବିଶୁଦ୍ଧତା ନିୟନ୍ତ୍ରଣ କରିବା ନେଇ ପ୍ରଶ୍ନ । କେବଳ ସୋରିଷ ତେଲ କାହିଁକି ସମସ୍ତ ଖାଦ୍ୟ ଦ୍ରବ୍ୟର ଗୁଣାତ୍ମକ ମାନ ପରୀକ୍ଷା ନିୟମିତ କରିବା ସରକାରଙ୍କ ଦାୟିତ୍ୱ । ଏଥିପାଇଁ ଏକ ସ୍ୱତନ୍ତ୍ର ବିଭାଗ ଅଛି । ମାତ୍ର ପ୍ରକୃତିର ବିପକ୍ଷରେ ଗୋଟିଏ ବୀଜର ଜିନ୍ ପରିବର୍ତ୍ତିତ କରି ପ୍ରଚଳନ କରିବାରେ ପରିଣାମ ଅଜଣା। ଏପରି ଏକ ପରିସ୍ଥିତିରେ ଜି.ଏମ୍ ସୋରିଷ ଚାଷ ପାଇଁ ଅନୁମତି ଦେବା ଆଶ୍ଚର୍ଯ୍ୟଜନକ ନୁହେଁ କି? ଏହାର ପରିଣତି କେତେ ବ୍ୟାପକ ହେବ,  କିଏ କହିବ ?

ପ୍ରସ୍ତୁତକାରୀ ଆଶା (ASHA)  ।